# -: କୋଷଗତ ରୂପାନ୍ତର:-

M. Gayatri

ସାବିତ୍ରୀ ଦିବ୍ୟ ପ୍ରେମ ସମ୍ବନ୍ଧରେ ଘୋଷଣା କରିଛନ୍ତି:-

"Imperfect is the joy not shared by all."

ଅର୍ଥାତ୍ ଯେଉଁ ସୁଖ ସାର୍ବଜନୀନ ନୁହେଁ ତାହା ଅପୂର୍ଣ୍ଣ ଓ ଅଲୋଡା ଅଟେ ।

ଅହଙ୍କାର ର ପୂର୍ଣ୍ଣ ବିଲୟ ପରେ ବିଶ୍ୱଗତ ଆତ୍ମା, ମନ, ପ୍ରାଣ ଓ ଶରୀରକୁ କବାଳକୃତ କରେ ଏବଂ ସେମାନଙ୍କ ସାମର୍ଥ୍ୟକୁ ବହୁଗୁଣିତ କରେ ଏବଂ ଏକ ମହାଜାଗତିକ ରେ ପରିଣତ କରେ । ଦିବ୍ୟ ପ୍ରେମ ଯେତେବେଳେ ସାଧକ ମଧ୍ୟକୁ ଅବତରଣ କରେ, ସେ ସେତେବେଳେ ସମସ୍ତ ଶରୀର ମଧ୍ୟରେ ଅନ୍ନମୟ ପୁରୁଷଙ୍କ ଏକତ୍ୱକୁ ଅନୁଭବ କରେ ଏବଂ ଏକ ବିଶ୍ୱଗତ ଜୀବନ ମଧ୍ୟରେ ନିଜର ପ୍ରାଣମୟ ପୁରୁଷର ଅସ୍ତିତ୍ୱକୁ ଆବିଷ୍କାର କରେ ଓ ଏକ ବିଶ୍ୱଗତ ମନ ମଧ୍ୟରେ ନିଜ ମନମୟ ପୁରୁଷ(true mental being) ର ଅସ୍ତିତ୍ୱକୁ ଆବିଷ୍କାର କରେ ।

ଯେଉଁ ସୁଖକୁ ଲାଭ କରିବା ନିମନ୍ତେ ମଣିଷକୁ ଆତ୍ମା, ଜଗତ ଏବଂ ଭଗବାନଙ୍କୁ ହରାଇବାକୁ ପଡେନାହିଁ , ତାହାକୁ ଦିବ୍ୟ ପ୍ରେମ କୁହାଯାଏ ଏବଂ ଏହି ଦିବ୍ୟ ପ୍ରେମ ମଣିଷକୁ ତିନି ସ୍ତରରେ ବିଶ୍ୱଗତ ଆତ୍ମା ଏବଂ ବିଶ୍ୱଗତ କୋଷମାନଙ୍କର ସମ୍ମୁଖୀନ ହୁଏ । ଚେତନାରେ ପ୍ରଥମ ଜଗତୀକରଣ ସ୍ତରରେ ବିଶ୍ୱଗତ ଦୁଃଖ ଏବଂ ବିଶ୍ୱଗତ ଆତ୍ମାକୁ ନିଜ ଶରୀର ମଧ୍ୟରେ ଅନୁଭୂତ କରେ କିନ୍ତୁ ଜଗତର ଦୁଃଖକୁ ରୂପାନ୍ତର କରିବାରେ ସେ ଅସମର୍ଥ ହୋଇଥାଏ । ଜଗତୀକରଣର ଦ୍ୱିତୀୟ ସ୍ତରରେ ତାହା ମଧ୍ୟରେ ସଚ୍ଚିଦାନନ୍ଦଙ୍କର ଏକ ନୂତନ ସ୍ୱାଧୀନତା ଓ ଏକତ୍ୱକୁ ଆବିଷ୍କାର କରେ ଯଦ୍ଦ୍ୱାରା ପୃଥିବୀର ଦୁଃଖ ସନ୍ତପ୍ତ ବୋଝକୁ ଆଂଶିକ ଭାବେ ରୂପାନ୍ତର କରିବାରେ ସମର୍ଥ ହୁଏ । ଚେତନାର ତୃତୀୟ ଜଗତୀକରଣ ସ୍ତରରେ ଏକ ଉର୍ଦ୍ଧ୍ୱତର ଶକ୍ତିର ପ୍ରଭାବରେ ଜଗତର ବହୁଳ ସମସ୍ୟାକୁ ନିଦାନ କରିବାରେ ସମର୍ଥ ହୁଏ । ପ୍ରଥମ ସ୍ତରର ଜଗତୀକରଣରେ ସେ ପୃଥିବୀର ଦୁଃଖକୁ ବହନ କରେ ନିଜର ସହନ ଶକ୍ତି ଓ କ୍ଷମତାକୁ ବଢାଏ । ଦ୍ୱିତୀୟ ସ୍ତରର ଜଗତୀକରଣରେ ପୃଥିବୀର ବୋଝ ଓ ସମସ୍ୟାକୁ ନିଦାନ କରିବାରେ ସମର୍ଥ ହୁଏ ଯଦ୍ଦ୍ୱାରା

ସମତା ଅବସ୍ଥାଟି ଆନନ୍ଦ ଅବସ୍ଥାରେ ରୂପାନ୍ତରିତ ହୁଏ । ତୃତୀୟ ସ୍ତରର ଜଗତୀକରଣରେ ସେ ଏକ ପରିପୂର୍ଣ୍ଣ ଆନନ୍ଦ ମଧ୍ୟରେ ବାସ କରୁଥିବା ସମୟରେ ବିଶ୍ୱ ସମସ୍ୟାର ସମାଧାନ କରେ ଏବଂ ତାକୁ ଟିକେ ମଧ୍ୟ ଯନ୍ତ୍ରଣା ସ୍ପର୍ଶ କରିପାରେ ନାହିଁ କିମ୍ବା "It takes the world's grief and transmutes to strength," (Savitri-708)

ଶ୍ରୀମା ଏବଂ ଶ୍ରୀଅରବିନ୍ଦ ପୃଥିବୀର ଏକ ବହୁତ ବଡ ବୋଝରୁ ମାନବ ସମାଜକୁ ମୁକ୍ତି ଦେବା ପାଇଁ ପୃଥିବୀରେ ଅବତାର ଗ୍ରହଣ କରିଥିଲେ । ସେମାନେ ଜଗତୀକରଣର ଦ୍ୱିତୀୟ ପର୍ଯ୍ୟାୟକୁ ଗ୍ରହଣ କରିଥିଲେ, କାରଣ ଅବଚେତନ ଓ ନିଶ୍ଚେତନାର ଅରୂପାନ୍ତରିତ ଅନ୍ଧକାର ଶକ୍ତି ରାଜିକୁ ରୂପାନ୍ତର କରିବା ନିମନ୍ତେ ସେମାନେ ବିଧିନିର୍ଦ୍ଦିଷ୍ଟ ହୋଇଥିଲେ । ଅତିମାନସ ଶକ୍ତିର ସାମର୍ଥ୍ୟ ରହିଛି ଏକ ଲମ୍ବା ସମୟରେ ଅନ୍ଧକାର ଶକ୍ତି ରାଜିକୁ ରୂପାନ୍ତର କରିବା କିମ୍ବା ଯେଉଁମାନେ ରୂପାନ୍ତର କୁ ବିରୋଧ କରିବେ ସେମାନଙ୍କୁ ବିଲୀନ କରିଦେବା ।

ପାରମ୍ପରିକ ଯୋଗରେ ଯୋଗୀ ମାନେ ଅବଚେତନ ଓ ନିଶ୍ଚେତନାକୁ ଜଉମୁଦ ଦେଇ ଏକ ଆନନ୍ଦମୟ ଅବସ୍ଥାକୁ ପ୍ରାପ୍ତ ହୁଅନ୍ତି । ପୂର୍ଣ୍ଣଯୋଗୀମାନେ ମଧ୍ୟ ଜଗତୀକରଣର ତୃତୀୟ ଅବସ୍ଥାକୁ ଅବଚେତନ ଓ ନିଶ୍ଚେତନାର ରୁପାନ୍ତର ହେବା ଦ୍ବାରା ଯାଇପାରିବେ । ଏଥିପାଇଁ ସେମାନଙ୍କୁ କିଛି ଜନ୍ମ ଅପେକ୍ଷା କରିବାକୁ ପଡ଼ିବ । ପୃଥିବୀର ସକଳ ସମସ୍ୟାର ସମାଧାନ ଅବଚେତନ ଓ ନିଶ୍ଚେତନାର ରୁପାନ୍ତର ହେବା ଦ୍ବାରା ସମ୍ଭବ| "For the key is hid and by the Inconscient kept;" (Savitri-68)

**ଶ୍ରୀମା'ଙ୍କ ଅସମ୍ପୂର୍ଣ୍ଣ ଯୋଗ :-**

ଶ୍ରୀଅରବିନ୍ଦ କହିଛନ୍ତି ଯେ ସେ ଯେଉଁ ଦିବ୍ୟକର୍ମ କରିବା ପାଇଁ ଆସିଛନ୍ତି, ସେଥିପାଇଁ ୧୦୦ଜଣ ପରିପୂର୍ଣ୍ଣ ମାନୁଷୀ ଯନ୍ତ୍ର ଯଥେଷ୍ଟ । ସେମାନଙ୍କର ନିକଟତମ ଏକାଗ୍ରତା ହେଉଛି ନିଜର ସୂକ୍ଷ୍ମ ଏବଂ କାରଣ ଶରୀରକୁ ଗଢି ତୋଳିବା କିମ୍ବା ପରିବୃଦ୍ଧି (ଜଗତୀକରଣ) କରିବା । ସେମାନଙ୍କର କର୍ମଟି ଅନ୍ତର୍ଜଗତର କର୍ମ ଯାହାକି ଏକ ବହୁଳ ଦିବ୍ୟଶକ୍ତିକୁ ଧରାବତରଣ କରିଥାଏ ଯାହାକି ନିଶ୍ଚେତନାର ପରିବର୍ତ୍ତନ ବିମୁଖ ପ୍ରସ୍ତର ରାଶିକୁ ଆଘାତ ଦେଇଥାଏ। ତେଣୁ ଶ୍ରୀ ମା'ଙ୍କର କର୍ମ ହେଲା, ସମଗ୍ର ପୃଥିବୀ ଚାରିପାଖରେ ଏକ ଆଧ୍ୟାତ୍ମିକ ବଳୟ ତିଆରି କରିବା ଯାହା ମଧ୍ୟରେ ସମଗ୍ର ମାନବ ଜାତି ସୁରକ୍ଷିତ ଓ ନିର୍ଭୟରେ ଜୀବନ ବଞ୍ଚିପାରିବେ । ବର୍ତ୍ତମାନ ଏହି ଆଧ୍ୟାତ୍ମିକ ସୁରକ୍ଷା

କେବଳ ଅତି କ୍ୱଚିତ୍ ବିଶେଷ ଆତ୍ମାଙ୍କ ନିମନ୍ତେ ଲବ୍ଧ ପ୍ରତିଷ୍ଠିତ ହୋଇଛି । ସୂକ୍ଷ୍ମ ଜଗତରେ ଏକ ଆତ୍ମାର ଅଗ୍ନିଦ୍ୱାରା ଏକ Golden tower ଗଢ଼ିବା ଯାହାକି ଅତିମାନସ ଜଗତର ମହାଶକ୍ତିକୁ ମହସ୍ରୋତ ଭାବରେ ପୃଥିବୀ ଆଡକୁ ବୋହି ଆଣିବାରେ ସମର୍ଥ ହୁଏ । ଏ ସବୁ ଅବସ୍ଥାକୁ ପ୍ରାପ୍ତ ହେବାର ବହୁପୂର୍ବରୁ ଯୋଗଶକ୍ତି ବଳରେ ପୃଥିବୀରୁ ତାମସିକତାକୁ ବିତାଡିତ କରିବାକୁ ପଡ଼ିବ ଯାହାକି ଅଶିକ୍ଷା, ଦାରିଦ୍ର୍ୟତା ଓ ପୁଷ୍ଟିହୀନତାକୁ ସମଗ୍ର ପୃଥିବୀରୁ ନିଶ୍ଚିହ୍ନ କରିପାରୁଥିବ। ଯୋଗଶକ୍ତି ବଳରେ ପୃଥିବୀରୁ ରାଜସିକତାକୁ ବିତାଡିତ କରିବାକୁ ପଡ଼ିବ ଯାହାକି ପୃଥିବୀରେ ଧ୍ୱଂସାଭିମୁଖୀ ଯୁଦ୍ଧ ଏବଂ ପଶୁର କ୍ରୋଧାନ୍ୱିତ ଅତ୍ୟାଚାର, ଘୃଣା, କ୍ଷତିକାରକ ପାଶବିକତା, ଦୁର୍ନୀତି ଏବଂ ସୀମାହୀନ ଅକୃତଜ୍ଞତା ଯାହାକି ପୃଥିବୀକୁ ବିକୃତ ଏବଂ ସୁଖକୁ କ୍ଷଣସ୍ଥାୟୀ କରିଦିଏ ।

ଶ୍ରୀ'ମାଙ୍କ ଯନ୍ତ୍ରବତ୍ ସନ୍ତାନମାନେ ପୃଥିବୀକୁ ତିନୋଟି ସ୍ତରରେ ସୁରକ୍ଷା ଦେଇପାରିବେ । ପ୍ରଥମରେ ଆଗକୁ ଘଟିବାକୁ ଥିବା ପ୍ରାକୃତିକ ଦୁର୍ବିପାକ ଯାହାକି ବ୍ୟକ୍ତି, ଦେଶ ଓ ବିଶ୍ୱର କ୍ଷତି ପହଞ୍ଚାଇଥାଏ ତାହାକୁ ଜାଣିପାରିବା । ଦ୍ୱିତୀୟରେ ସେମାନେ ନିଜର ଏକାଗ୍ରତାକୁ ଜାଗ୍ରତ ରଖନ୍ତି ଯଦ୍ୱାରା ଦିବ୍ୟକୃପା ଅବତରଣ ଦ୍ୱାରା ଏହିସବୁ ଧ୍ୱଂସର ପରିମାଣ ଆଶାତୀତ ଭାବରେ କମିଯାଇଥାଏ । ତୃତୀୟରେ ସେମାନେ ଏକ ପ୍ରଚେଷ୍ଟାରେ ଲାଗିରହନ୍ତି ଯଦ୍ୱାରା ଏକ ଅତିମାନସ ଜଗତର ଧରାବତରଣ ଦ୍ୱାରା ଏହିସବୁ ଦୁର୍ବିପାକ ମୂଳରୁ ଉତ୍ପାଟନ ହୋଇଯାଆନ୍ତି ।

**ବିଶ୍ୱଚେତନାରେ ସତ୍ୟବାନଙ୍କ କୋଷଗତ ରୂପାନ୍ତର :-**

ସତ୍ୟବାନଙ୍କ କୋଷଗତ ରୂପାନ୍ତର ହେଉଛି ରାଜା ଅଶ୍ୱପତି ଆବିଷ୍କାର କରିଥିବା କୋଷଗତ ରୂପାନ୍ତରର ପରିବର୍ଦ୍ଧିତ ପରିଣାମ । ଏଠାରେ ସତ୍ୟବାନଙ୍କ ଦେହତ୍ୟାଗକୁ ନିର୍ବିକଳ୍ପ ସମାଧି ଭାବରେ ଗ୍ରହଣ କରାଯାଏ, ଯେଉଁ ଅବସ୍ଥାରେ ସେ ସାବିତ୍ରୀଙ୍କ ସହିତ ଅବଚେତନ ଓ ନିଶ୍ଚେତନାର ଅନ୍ଧକାର ରାଜ୍ୟରେ ପ୍ରବେଶ କରିଥିଲେ, ଯେଉଁ ରାଜ୍ୟରେ ମୃତ୍ୟୁଦେବତା ଯମ ହେଉଛନ୍ତି ଅଧିଷ୍ଠିତ ଦେବତା। ସାବିତ୍ରୀ ଏହି ଅବଚେତନ ଓ ନିଶ୍ଚେତନାର ସ୍ତର ପରେ ସ୍ତର ସତ୍ୟବାନଙ୍କ ସହ ଅତିକ୍ରମ କରିଥଲେ Truth Supreme and Light Supreme ର ଏକ ଆଂଶିକ ସିଦ୍ଧିଦ୍ୱାରା । ଏହି ଆଂଶିକ ସିଦ୍ଧିରେ ଯେତେ ପରିପୂର୍ଣ୍ଣତା ପ୍ରାପ୍ତ ହେବ ସେହି ଅନୁପାତରେ ମୃତ୍ୟୁର ପରାଭାବ କମି କମି ଯିବ । ତେଣୁ ଦିବ୍ୟଜନନୀଙ୍କର ଅନ୍ତିମ ବିଜୟ ହେଲା, ନିଶ୍ଚେତନାର ନିଜ ଗୃହରେ ମୃତ୍ୟୁର ମୃତ୍ୟୁ । ତେଣୁ ସତ୍ୟବାନଙ୍କର

ପ୍ରତୀୟମାନ ମୃତ୍ୟୁ ଏବଂ ପୃଥିବୀକୁ ପୁନରାଗମନର ସମୟ ପରିସରଟି ହେଉଛି ମାନବ ସମାଜର କୋଷଗତ ରୂପାନ୍ତର ଯେଉଁଠାରେ ସତ୍ୟବାନଙ୍କର ସୂକ୍ଷ୍ମ ଶରୀର ସମଗ୍ର ଜଗତର ନିଶ୍ଚେତନାର ରୂପାନ୍ତର ଉପଲବ୍ଧି କରିଥାଏ । ତେଣୁ ଏହି କୋଷଗତ ରୂପାନ୍ତର ୬ଟି ପର୍ଯ୍ୟାୟରେ ବିଭକ୍ତ ହୋଇଛି :-

**i.ଜାଗ୍ରତ ସମାଧି (Waking trance of psychic State):-**

ଚୈତ୍ୟ ପୁରୁଷର ଉନ୍ମୋଚନ ଦ୍ୱାରା ଜଣେ ନିରନ୍ତର କର୍ମ ଓ ଜପ କ୍ଳାନ୍ତିହୀନ ଭାବରେ କରିପାରେ ଏବଂ ଏହି ସମୟରେ ତା'ର କୋଷଗତ ରୂପାନ୍ତର ଅନୁଭୂତ ହୁଏ ।ଏହା ପୂର୍ଣ୍ଣଯୋଗର ଏକ ଗୁରୁତ୍ୱପୂର୍ଣ୍ଣ ଅବସ୍ଥା।

**ii. ନିଶ୍ଚଳ ସମାଧି (Immobile trance of Spiritual State):-**

ଆଧ୍ୟାତ୍ମିକ ଆତ୍ମାର ଉନ୍ମୋଚନ ହେବାଦ୍ବାରା ମଣିଷ ସ୍ବପ୍ନ, ସୁସୁପ୍ତି, ନିଦ୍ରା, ଧ୍ୟାନ ଅବସ୍ଥାରେ ଏକ ଦିବ୍ୟଶକ୍ତିର ଅବତରଣକୁ ଅନୁଭବ କରେ ଏବଂ ଏହି ଦିବ୍ୟ ଶକ୍ତି କୋଷଗତ ରୂପାନ୍ତରରେ ସହାୟକ ହୋଇଥାଏ ।

**iii. ତୀବ୍ର ଜାଗ୍ରତ ସମାଧି (Intense waking trance of Supramental state):-**

ଏହି ଆଧ୍ୟାତ୍ମିକ ଶକ୍ତିର ଅବତରଣ ଯେତେବେଳେ ବହୁଗୁଣିତ ହୁଏ  ସେତେବେଳେ ଜଣେ ଅତି ଜାଗ୍ରତ ଅବସ୍ଥାକୁ ପ୍ରାପ୍ତ ହୁଏ । ତେଣୁ କୋଷଗତ ରୂପାନ୍ତର ତ୍ୱରାନ୍ୱିତ ହୁଏ । ଏହା ଅତିମାନସ ଆତ୍ମାକୁ ଉନ୍ମୋଚିତ କରିଥାଏ ।

**iv. ମିଳନାତ୍ମକ ସମାଧି (Trance of union of Bliss state) :-**

ସାଧକର ହୃଦୟରେ ଯେଉଁ ପରମ ପୁରୁଷ ଓ ପରମା ପ୍ରକୃତି ବାସ କରୁଥାନ୍ତି ସେମାନଙ୍କ ମିଳନ ଦ୍ୱାରା ଯେଉଁ ଅତ୍ୟଧିକ ଆନନ୍ଦ, ସମାଧିରେ ରୂପାନ୍ତରିତ ହୁଏ, ତାହାକୁ ମିଳନାତ୍ମକ ସମାଧି କୁହାଯାଏ । ଏହା ସାଧକକୁ ଅତିମାନସ ଏବଂ ଆନନ୍ଦମୟ ଆତ୍ମାକୁ ପ୍ରତିଷ୍ଠିତ କରାଏ ।

**V. ନିର୍ବିକଳ୍ପ ସମାଧି (Cataleptic trance of absolute turiya state):-**

ଏହି ସମାଧିରେ ହୃଦୟର ସ୍ପନ୍ଦନ ଅସ୍ଥାୟୀ ଭାବରେ ବନ୍ଦ ହୋଇଯାଏ ଏବଂ ଏହି ସମାଧି ଦ୍ୱାରା ଜଣେ ଦ୍ରୁତତମ କୋଷଗତ ରୂପାନ୍ତରକୁ ଅନୁଭବ କରିପାରିବ ।

ପୂର୍ଣ୍ଣଯୋଗରେ ଏହି ସମାଧିକୁ ଯିବାପାଇଁ ହତୋତ୍ସାହିତ କରଯାଇଛି, କାରଣ ଏହି ସମାଧି ଅବସ୍ଥାକୁ ଯେଉଁମାନେ ପ୍ରାପ୍ତ ହୁଅନ୍ତି ସେମାନଙ୍କ ମଧ୍ୟରୁ ବହୁତ କ୍ୱଚିତ୍ ସାଧକ ଦେହ ମଧ୍ୟକୁ ଫେରିପାରନ୍ତି । ପାରମ୍ପରିକ ଯୋଗରେ ନିର୍ବିକଳ୍ପ ସମାଧିକୁ ବହୁତ ଗୁରୁତ୍ୱ ଦିଆଯାଏ । ତେଣୁ ଏହି ରାସ୍ତା ଦେଇ ଜଣେ ସାଧକ ପରମଧାମକୁ ଯାତ୍ରା କରେ ।

**vi. ପୂର୍ଣ୍ଣଯୋଗର ଅନ୍ତିମ ମୁକ୍ତି (Last Salvation):-**

ପୂର୍ଣ୍ଣଯୋଗର ଅନ୍ତିମ ସିଦ୍ଧି ହେଉଛି **'Truth Supreme'** ଏବଂ ଏହି ପରମ ସମାଧି ଅବସ୍ଥାରେ ଅବଚେତନ ଓ ନିଶ୍ଚେତନାର ପୂର୍ଣ୍ଣ ରୂପାନ୍ତର ହୋଇଥାଏ । ଏହି ଅବସ୍ଥାକୁ ପ୍ରାପ୍ତ ହେବାପାଇଁ ଜଣେ ସାଧକକୁ ଶେଷ ଅବତାରଙ୍କ ଆବିର୍ଭାବ ପର୍ଯ୍ୟନ୍ତ ପ୍ରତୀକ୍ଷା କରିବାକୁ ପଡ଼ିବ।

ଶ୍ରୀ'ମା ଙ୍କ ସନ୍ତାନମାନେ କୋଷଗତ ରୂପାନ୍ତର ନିମନ୍ତେ ପ୍ରସ୍ତୁତ :-

ଶ୍ରୀ'ମା କହିଛନ୍ତି ଯେ, ତାଙ୍କ ଶରୀର ଯଦି କୋଷଗତ ରୂପାନ୍ତରର ଶେଷ ପର୍ଯ୍ୟାୟରେ ପହଞ୍ଚିବା ପାଇଁ ଅସମର୍ଥ ହୁଏ, ତେବେ ପ୍ରକୃତି ମାତା ସେହି କୋଷଗତ ରୂପାନ୍ତରକୁ ତାଙ୍କ ସହସ୍ର ସନ୍ତାନମାନଙ୍କ ମଧ୍ୟଦେଇ ବହୁଗୁଣିତ କରାନ୍ତି । ଆଉ ମଧ୍ୟ ଶ୍ରୀ'ମା କହିଛନ୍ତି ଯେ, ତୁମେ ଯଦି କୋଷଗତ ରୂପାନ୍ତରରେ ଭାଗ ନେବାପାଇଁ ଚାହୁଁଛ ତେବେ ଶରୀରକୁ ଉତ୍ତେଜିତ କରି ଶକ୍ତି କ୍ଷୟ କର ନାହିଁ, ସମସ୍ତ କର୍ମକୁ ନିଶ୍ଚଳ ଅବସ୍ଥାରେ, ଶାନ୍ତି ଓ ନୀରବତା ମଧ୍ୟରେ ସମ୍ପାଦନ କରିବ । ମା'ଙ୍କର ଯେଉଁ ସନ୍ତାନମାନେ ସତ୍ୟବାନଙ୍କ ଚରିତ୍ରର ୫ଟି ବୈଭବକୁ ଧାରଣ କରିପାରନ୍ତି "wearing the face of Satyavan" ସେମାନେ କୋଷଗତ ରୂପାନ୍ତରର ଅନୁଭବ ଦେଇ ଯିବା ପାଇଁ ପ୍ରସ୍ତୁତ।

**ସତ୍ୟବାନଙ୍କ ଚରିତ୍ରର ଏହି ୫ଟି ବୈଭବ ହେଉଛି :-**

i. ପବିତ୍ର ମନ ଓ ଶରୀର (Virgin state of mind and body)
ii. ଜ୍ଞାନରେ ପ୍ରତିଷ୍ଠିତ କର୍ମ (Knowledge based action)
iii. ସଂଗତି (Harmony)
iv. ଭଗବାନଙ୍କ ସହ ମିଳନରୁ ଜାତ ସରଳତା (Simplicity)

v. ଏକ ମୁଖି ଚିନ୍ତନ (Single mindedness)

ଏହି ପଞ୍ଚ ବିଧ ବୈଭବ ସାବିତ୍ରୀଙ୍କ ଚରିତ୍ରର ୨୧ଟି ବୈଭବର ସମ୍ମୁଖୀନ ହେବାପାଇଁ ସମର୍ଥ, ଯଦ୍ଦ୍ୱାରା ପରା ପ୍ରକୃତି ଶକ୍ତିଭାବରେ ୧୦ଟି କେନ୍ଦ୍ରରେ (subtle body) କ୍ରିୟାଶୀଳ ହୋଇପାରନ୍ତି ।

ଶ୍ରୀ ମା'ଙ୍କ ଶରୀର ଭିତରେ ଯେଉଁ କୋଷଗତ ରୂପାନ୍ତର ହେଉଥିଲା ତା'ର ଉଚ୍ଚ ସଂକ୍ରମଣର ସାମର୍ଥ୍ୟ ଥିଲା ତେଣୁ ଯେଉଁମାନେ ନିଜକୁ ଶ୍ରୀ'ମାଙ୍କ ଶକ୍ତି ଆଡକୁ ଖୋଲି ଧରିବେ, ସେମାନେ ଏହି ସଂକ୍ରମଣର ଏକ ଝଲକ୍ ଅନୁଭବ କରିପାରିବେ ଏବଂ ସାଧନା ଦ୍ୱାରା କୋଷଗତ ରୂପାନ୍ତର ପ୍ରକ୍ରିୟାରେ ପ୍ରତିଷ୍ଠିତ ହୋଇପାରିବେ ।

**ଓଁ ତତ୍ ସତ୍**


ଶ୍ରୀ ମାତୃନିକେତନ ଆଶ୍ରମ ଶ୍ରୀ ଅରବିନ୍ଦ କେନ୍ଦ୍ର,

Managed by The Mother's International Centre Trust,

Regd.No-146/24.11.97. ଗ୍ରାମ: ରାମଚନ୍ଦ୍ରପୁର, ସା: କୁକୁଡାଖଣ୍ଡି-୭୬୧୧୦୦

Via: ବ୍ରହ୍ମପୁର, ଜିଲା: ଗଞ୍ଜାମ, ଓଡିଶା, ଭାରତ

https://www.srimatriniketanashram.com/odia-section

https://www.srimatriniketanashram.com